# NATIONAL NEWS BULLETIN (ODIA)

**10 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- କର୍ଣ୍ଣାଟକର କେ.ଏସ୍.ଆର୍ ରେଳଷ୍ଟେସନଠାରେ ୩ଟି ବନ୍ଦେ ଭାରତ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ ।

- ସଣ୍ଡେଜ୍ ଅନ୍ ସାଇକେଲ୍ ପଦକ୍ଷେପ ଦେଶବ୍ୟାପୀ ଫିଟ୍ ଇଣ୍ଡିଆ ଅଭିଯାନକୁ ତ୍ୱରାନ୍ୱିତ କରିଛି - କହିଲେ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ।

- ବିହାରରେ ପ୍ରସ୍ତୁତ ସ୍ୱତନ୍ତ୍ର ସଂଶୋଧିତ ଭୋଟର ତାଲିକା ନେଇ ଆସନ୍ତା ସେପ୍ଟେମ୍ବର ପହିଲା ସୁଦ୍ଧା ଦାଖଲ କରିହେବ ପୁନଃ ବିଚାର ଫର୍ମ ।

- ୟୁକ୍ରେନ୍ ଅନୁପସ୍ଥିତିରେ ନିଆଯାଉଥିବା ନିଷ୍ପତ୍ତି ଗ୍ରହଣୀୟ ନୁହେଁ ବୋଲି କହିଲେ ରାଷ୍ଟ୍ରପତି ଜେଲେନେସ୍କି ।

ଏବଂ

- ବାଂଲାଦେଶର ପରବର୍ତ୍ତୀ ଜାତୀୟ ନିର୍ବାଚନ ପାଇଁ ପ୍ରସ୍ତୁତି ତ୍ୱରାନ୍ୱିତ ହୋଇଛି ବୋଲି ସୂଚନା ଦେଲେ ମୁଖ୍ୟ ନିର୍ବାଚନ ଆୟୁକ୍ତ ।

# ଡେ ପିଏମ୍ କର୍ଣ୍ଣାଟକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କର୍ଣ୍ଣାଟକର କେ.ଏସ୍.ଆର୍ ରେଲଷ୍ଟେସନରେ ୩ଟି ବନ୍ଦେ ଭାରତ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି । ଏହି ଟ୍ରେନ୍‌ଗୁଡ଼ିକ ବେଙ୍ଗାଲୁରୁ-ବେଲାଗାଭି, ମାତା ବୈଷ୍ଣୋଦେବୀ କଟରା-ଅମୃତସର ଏବଂ ନାଗପୁର-ପୁନେ ଅଭିମୁଖେ ଯାତ୍ରା କରିବେ । ଏହି ଟ୍ରେନ୍ ଗୁଡ଼ିକର ୟେଲୋ ଲାଇନ୍ ମେଟ୍ରୋ ସର୍ଭିସ୍ ରାଗିଗୁଡାରେ ଥିବା ଆର୍‌ଭି ରୋଡ଼ ଷ୍ଟେସନ ସହ ଇଲେକ୍ଟ୍ରୋନିକ ସିଟି ସହ ସଂଯୋଗ କରିବ ।

ଏହାଦ୍ୱାରା ୮ଲକ୍ଷ ଯାତ୍ରୀ ଦୈନିକ ଯାତାୟତର ସମସ୍ତ ସୁବିଧା ପାଇପାରିବେ । ପ୍ରଧାନମନ୍ତ୍ରୀ ଆର୍‌ଭିରୋଡ଼ ଷ୍ଟେସନଠାରୁ ଇଲେକ୍ଟ୍ରୋନିକ ସିଟି ପର୍ଯ୍ୟନ୍ତ ନୂଆ ରେଳ ଧାରଣାରେ ଟ୍ରେନ୍‌ରେ ଯାତାୟତ କରିଛନ୍ତି । ପ୍ରଧାନମନ୍ତ୍ରୀ ଆଜି ଅପରାହ୍ଣରେ ୪୪ କିଲୋମିଟର ବ୍ୟାପୀ ନମ୍ମା ମେଟ୍ରୋ ରେଳ ପ୍ରକଳ୍ପର ତୃତୀୟ ପର୍ଯ୍ୟାୟ କାର୍ଯ୍ୟର ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରେଳ ଭିତ୍ତିଭୂମି ବିକାଶ ତଥା ସଂଯୋଗୀକରଣ କ୍ଷେତ୍ରରେ ସରକାର ଗ୍ରହଣ କରୁଥିବା ପଦକ୍ଷେପ ଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି ।

**V/O (Ashwini Baishnab)**

ଏହି କାର୍ଯ୍ୟକ୍ରମରେ କର୍ଣ୍ଣାଟକର ରାଜ୍ୟପାଳ ଥାୱାର ଚାନ୍ଦ ଗେହଲଟ, ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା, ଉପମୁଖ୍ୟମନ୍ତ୍ରୀ ଡି.କେ.ଶିବକୁମାର, ରେଳ ରାଷ୍ଟ୍ରମନ୍ତ୍ରୀ ଭି. ସୋମନ୍ନା, କେନ୍ଦ୍ରମନ୍ତ୍ରୀ ଶୋଭା କରାଣ୍ଡଲାଜେ ପ୍ରମୁଖ ଉପସ୍ଥିତ ଥିଲେ ।

# ମାଣ୍ଡବୀୟ ଫିଟ୍ ଇଣ୍ଡିଆ

କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ମନସୁଖ ମାଣ୍ଡବୀୟ କହିଛନ୍ତି ସଣ୍ଡେଜ ଅନ୍ ସାଇକେଲ ପଦକ୍ଷେପ ଦେଶବ୍ୟାପୀ ଫିଟ୍ ଇଣ୍ଡିଆ ଅଭିଯାନକୁ ତ୍ୱରାନ୍ୱିତ କରିଛି । ନୂଆଦିଲ୍ଲୀ ଠାରେ ଆଜି ସଣ୍ଡେଜ ଅନ୍ ସାଇକେଲ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ମନ୍ତ୍ରୀ ଡକ୍ଟର ମାଣ୍ଡବୀୟ କହିଛନ୍ତି ଏପର୍ଯ୍ୟନ୍ତ ଦେଶବ୍ୟାପୀ ପଞ୍ଚାୟତ ସ୍ତରୀୟ ପ୍ରତିନିଧି ୫୦ହଜାରରୁ ଅଧିକ ଗ୍ରାମରେ ଫିଟ୍ ଇଣ୍ଡିଆ ବାର୍ତ୍ତାକୁ ଲୋକଙ୍କ ପାଖରେ ପହଞ୍ଚାଇ ପାରିଛନ୍ତି । ଗାଁଗୁଡ଼ିକ ମଧ୍ୟରେ ସହାବସ୍ଥାନ ବୃଦ୍ଧି କରିବାରେ ମଧ୍ୟ ଏହି ଅଭିଯାନ ବିଶେଷ ସହାୟକ ହୋଇପାରିଛି ବୋଲି ସେ କହିଛନ୍ତି ।

**V/O (Mandaviya)**

# ଆର୍ମି ଚିଫ୍ - ଆଡ୍ରେସ୍

ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଅପରେସନ ସିନ୍ଦୂର ରଣକୌଶଳକୁ ମିଳିତବାହିନୀର ଏକ ଗୁରୁତ୍ୱପୂର୍ଣ୍ଣ ସଫଳ ଅଭିଯାନ ଭାବେ ବର୍ଣ୍ଣନା କରିଛନ୍ତି । ଛାତ୍ରଛାତ୍ରୀ ଏବଂ ଆଇଆଇଟି ମାଡ୍ରାସର ଶିକ୍ଷାବିତ୍‌ମାନଙ୍କୁ ସମ୍ବୋଧିତ କରି ଶ୍ରୀ ଦ୍ୱିବେଦୀ କହିଛନ୍ତି ଏପ୍ରିଲ ୨୨ ତାରିଖରେ ପାକିସ୍ତାନ ସନ୍ତ୍ରାସବାଦୀଙ୍କ ଦ୍ୱାରା ପହଲଗାମ ଆକ୍ରମଣ ସମ୍ପର୍କରେ ଦେଶ ଏହାର ଦୃଢ଼ ଜବାବ ଦେଇଛି । ଏଥିନିମନ୍ତେ ତିନି ବାହିନୀର ମିଳିତ ଉଦ୍ୟମରେ ଏହି ଅଭିଯାନକୁ ସଫଳତାର ସହ ଦୃଢ଼

ମୁକାବିଲା କରାଯାଇପାରିଛି । ସ୍ଥଳସେନା ମୁଖ୍ୟ ଆହୁରି କହିଛନ୍ତି ଏ ଦିଗରେ ସମସ୍ତ ପ୍ରକାର ରାଜନୈତିକ ସହମତି ଏବଂ ସ୍ୱଷ୍ଟତା ଦେଶରେ ପ୍ରଥମଥର ପାଇଁ ଦେଖାଦେଇଥିଲା ।

## ପିଏମ୍-ଏମ୍‌ପି ଫ୍ଲାଟ୍‌ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନୂଆଦିଲ୍ଲୀର ବାବା ଖରକସିଂହ ମାର୍ଗଠାରେ ସାଂସଦମାନଙ୍କ ନିମନ୍ତେ ୧୮୪ଟି ନବନିର୍ମିତ ଟାଇପ୍-୭ ବହୁତଳ ପ୍ରାସାଦ ନିର୍ମାଣର ଶୁଭାରମ୍ଭ କରିବେ । ଏହି ଆବାସିକ ପରିସରରେ ପ୍ରଧାନମନ୍ତ୍ରୀ ଅପରେସନ ସିନ୍ଦୂରର ସନ୍ତକ ସ୍ୱରୂପ ଚାରାରୋପଣ କରିବେ । ପ୍ରଧାନମନ୍ତ୍ରୀ ଏହି ଅବସରରେ ସମବେତ ଜନତା ଏବଂ ଶ୍ରମଜୀବୀମାନଙ୍କ ସହ ଆଲୋଚନା କରିଥିଲେ । ଏକ ବିବୃତ୍ତିରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି ୫ହଜାର ବର୍ଗଫୁଟ ପରିମିତ କାର୍ପେଟ ଅଞ୍ଚଳରେ ନବନିର୍ମିତ କୋଠାର ଆବାସସ୍ଥଳ ସହ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ସମ୍ପାଦିତ ହୋଇପାରିବ । ଏହି କୋଠାରେ କାର୍ଯ୍ୟାଳୟ, ଅଫିସ କର୍ମକର୍ତ୍ତାଙ୍କ ରହଣି ଏବଂ ଗୋଷ୍ଠୀ କେନ୍ଦ୍ର ଆଦି ରହିବାର ବ୍ୟବସ୍ଥା ଅଛି । ଯେଉଁଥିରେ କି ସାଂସଦମାନେ ସେମାନଙ୍କର ସମସ୍ତ କାର୍ଯ୍ୟ ସୂଚାରୁରୂପେ ସମ୍ପାଦନ କରିପାରିବେ । ଏହିସବୁ କୋଠାଗୁଡ଼ିକ ଭୂକମ୍ପ ନିରୋଧି ଏବଂ ଆଧୁନିକ ଡିଜାଇନ୍‌ରେ ନିର୍ମିତ । ଆବାସକ ସାଂସଦ

ମାନଙ୍କ ନିମନ୍ତେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଯୋଗାଇଦେବାର ବନ୍ଦୋବସ୍ତ କରାଯାଇଛି ।

## ଇସି-ଇଲେକ୍ଟୋରାଲ ରୋଲ

ବିହାରରେ ପ୍ରସ୍ତୁତ ସ୍ୱତନ୍ତ୍ର ଭୋଟର ସଂଶୋଧିତ ତାଲିକା ସବୁ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ବୁଥ୍‌ସ୍ତରୀୟ ପ୍ରତିନିଧିଙ୍କୁ ପ୍ରଦାନ କରାଯାଇଛି ବୋଲି ଭାରତୀୟ ନିର୍ବାଚନ ଆୟୋଗ କହିଛନ୍ତି । ଏହି ଚିଠା ତାଲିକାରେ ପରଲୋକଗତ, ସ୍ଥାନାନ୍ତରିତ ଏବଂ ଛାୟା ଭୋଟରଙ୍କ ନାମ ସ୍ଥାନିତ ରହିଛି । ରାଜନୈତିକ ଦଳର ବୁଥ୍‌ସ୍ତରୀୟ ପ୍ରତନିଧି ଆବଶ୍ୟକ ତଥ୍ୟ ସହିତ ବୁଥ୍‌ସ୍ତରୀୟ ନିର୍ବାଚନ ଅଧିକାରୀଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି । ଏହାର ଯାଞ୍ଚ ପରେ ଚୂଡାନ୍ତ ଭୋଟର ତାଲିକା ପ୍ରସ୍ତୁତ କରାଯିବ ବୋଲି ଆୟୋଗ କହିଛନ୍ତି । ଭୋଟ୍‌କେନ୍ଦ୍ର ଗୁଡ଼ିକ ନିକଟରେ ମଧ୍ୟ ଚିଠା ଭୋଟର ତାଲିକା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ରଖାଯାଇଛି । ଗତ ଜୁଲାଇ ପହିଲା ସୁଦ୍ଧା ଆଧାରରେ ପରଲୋକଗତ ଏବଂ ସ୍ଥାନାନ୍ତରିତ ହୋଇଥିବା ଭୋଟରଙ୍କୁ ଚିହ୍ନଟ କରାଯାଇଛି ଓ ଏ ସଂକ୍ରାନ୍ତ ଫର୍ମ ମଧ୍ୟ ପ୍ରଦାନ କରାଯାଇସାରିଛି । ଚିଠା ଭୋଟର ତାଲିକା ସଂକ୍ରାନ୍ତ ପୁନଃ ବିଚାର ଫର୍ମ ଦାଖଲ କରିବାର ଶେଷ ତାରିଖ ସେପ୍ଟେମ୍ବର ପହିଲା ରହିଛି ବୋଲି ଆୟୋଗ କହିଛନ୍ତି ।

# ଟେମ୍ପୁଲ ଗେଟ୍ କୋଲାପ୍ସ

ନାଗପୁରର କୋରାଡିଠାରେ ଥିବା ମହାଲକ୍ଷ୍ମୀ ଜଗଦମ୍ବା ଦେବସ୍ଥାନର ଏକ ନିର୍ମାଣାଧୀନ କୋଠାର ସ୍ଲାବ ଖସିଯିବା ହେତୁ ୧୭ଜଣ ଶ୍ରମିକ ଆହତ ହୋଇଛନ୍ତି । ସୂଚନାରୁ ଜଣାଯାଇଛି ଗତକାଲି ସଂଧ୍ୟା ୮ଟାବେଳେ ଏହି ଦୁର୍ଘଟଣା ଘଟିଥିଲା । ଆହତମାନଙ୍କର ଆଶୁ ଚିକିତ୍ସା ନିମନ୍ତେ ତ୍ୱରିତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଅଗ୍ନିଶମ ବାହିନୀ, ଏନ୍‌ଡିଆର୍‌ଏଫ୍ ଏବଂ ଆମ୍ବୁଲାନ୍ସ କର୍ମଚାରୀମାନେ ଉଦ୍ଧାରକାର୍ଯ୍ୟରେ ନିୟୋଜିତ ଅଛନ୍ତି ।

# ସିକ୍କିମ ନାରୀ ଅଦାଲତ

ସିକ୍କିମର ରୋଙ୍ଗପୋଠାରେ ଆତ୍ମା ସମ୍ମାନ ଦିବସ ଉପଲକ୍ଷେ ଆଜି ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମାଙ୍ଗ ନାରୀ ଅଦାଲତର ଶୁଭାରମ୍ଭ କରିଛନ୍ତି । ଏହି ଅଦାଲତ ନାରୀମାନଙ୍କ ଉପରେ ହେଉଥିବା ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଏକ ସ୍ୱତନ୍ତ୍ର ମଞ୍ଚ । ଏହା ବିଶେଷ ଭାବରେ ଗ୍ରାମୀଣ ଏବଂ ସହରର ତଳି ଅଞ୍ଚଳର ନାରୀମାନଙ୍କ ନ୍ୟାୟ ଏବଂ ସୁରକ୍ଷା ନିମନ୍ତେ ଉଦ୍ଦିଷ୍ଟ । ସାମାଜିକ କ୍ଷେତ୍ରରେ ନାରୀମାନଙ୍କୁ ସଶକ୍ତ କରିବା ଏହି ଅଦାଲତର ମୁଖ୍ୟ ଉଦ୍ଦେଶ୍ୟ । ନିଷ୍ପେସିତ ଏବଂ ନ୍ୟାୟରୁ ବଞ୍ଚିତ ମହିଳାମାନେ ଏହି ଅଦାଲତର ଦ୍ୱାରସ୍ଥ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଜେକେ-ଏନ୍‌କାଉଣ୍ଟର

ଜାମ୍ମୁକାଶ୍ମୀରର କିସ୍ତୱାର ଜିଲ୍ଲାର ଡୁଲ୍ ଅଞ୍ଚଳରେ ଆଜି ସକାଳେ ସୁରକ୍ଷାବଳ ଓ ସନ୍ତ୍ରାସବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଗୁଇନ୍ଦା ତଥ୍ୟ ଆଧାରରେ ସୁରକ୍ଷାବଳ ତରଫରୁ ଏହି ଅଞ୍ଚଳରେ ତଲାସୀ ଅଭିଯାନ କରାଯାଇଥିଲା । ଖବର ପ୍ରସାରଣ ହେବା ସୁଦ୍ଧା ଏହି ଗୁଳିବିନିମୟ ଜାରି ରହିଥିବା ସୂଚନା ମିଳିଛି ।

## ଜେଲେନେସ୍କି-ଟ୍ରମ୍ପ ପ୍ରପୋଜାଲ

ସମ୍ଭାବ୍ୟ ଶାନ୍ତି ଚୁକ୍ତିର ଅଂଶସ୍ୱରୂପ ରୁଷ୍ ଏବଂ ୟୁକ୍ରେନ୍ ଅଧିକୃତ କରିଥିବା ପରସ୍ପରର ଅଞ୍ଚଳକୁ ଛାଡି ଦେବା ସଂକ୍ରାନ୍ତ କୌଣସି ପ୍ରସ୍ତାବକୁ ୟୁକ୍ରେନ ରାଷ୍ଟ୍ରପତି ଭୋଲଦିମିର୍ ଜେଲେନେସ୍କି ପ୍ରତ୍ୟାଖାନ କରିଛନ୍ତି । ଦଖଲକାରୀ ରାଷ୍ଟ୍ରକୁ ୟୁକ୍ରେନ ଜମି ହସ୍ତାନ୍ତର କରିବ ନାହିଁ ବୋଲି ଜେଲେନେସ୍କି ସ୍ପଷ୍ଟ କରିଛନ୍ତି । ଯୁଦ୍ଧ ପରିସମାପ୍ତ ନେଇ ପ୍ରକୃତ ଏବଂ ସ୍ଥାୟୀ ଶାନ୍ତିର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଇଂଲଣ୍ଡର କେଣ୍ଟଠାରେ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ସହ ୟୁକ୍ରେନ୍ ଏବଂ ୟୁରୋପୀୟ ଅଧିକାରୀଙ୍କ ଆଲୋଚନା ପରିପ୍ରେକ୍ଷୀରେ ରାଷ୍ଟ୍ରପତି ଜେଲେନେସ୍କି ଏହା କହିଛନ୍ତି । ଏହି ବୈଠକରେ ପ୍ରମୁଖ ୟୁରୋପୀୟ ରାଷ୍ଟ୍ରଗୁଡ଼ିକର ପ୍ରତିନିଧି ଯୋଗ ଦେଇଥିଲେ । ଆଲୋଚନାକୁ ଗଠନମୂଳକ ବୋଲି ଜେଲେନେସ୍କି

ବର୍ଣ୍ଣନା କରିବା ସହ ପାଶ୍ଚାତ୍ୟ ସମର୍ଥନ ୟୁକ୍ରେନ ପ୍ରତି ବଳବତ୍ତର ରହିବ ବୋଲି ଆଶାବ୍ୟକ୍ତ କରିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନଙ୍କ ମଧ୍ୟରେ ଆସନ୍ତା ୧୫ ତାରିଖରେ ଥିବା ଆଲୋଚନା ବୈଠକକୁ ଶ୍ରୀ ଜେଲେନେସ୍କି କଡା ସମାଲୋଚନା କରିଛନ୍ତି । ୟୁକ୍ରେନ୍‌ର ଅଂଶଗ୍ରହଣ ବିନା ନିଆଯାଉଥିବା ନିଷ୍ପତ୍ତି ଅଗ୍ରହଣୀୟ ବୋଲି ରାଷ୍ଟ୍ରପତି ଜେଲେନେସ୍କି କହିଛନ୍ତି ।

## ବାଂଲାଦେଶ ଇଲେକ୍ସନ

ବାଂଲାଦେଶର ମୁଖ୍ୟ ନିର୍ବାଚନ ଆୟୁକ୍ତ କହିଛି ପରବର୍ତ୍ତୀ ଜାତୀୟ ନିର୍ବାଚନ ୨୦୨୬ ମସିହା ଫେବୃୟାରୀ ମାସ ପ୍ରଥମାର୍ଦ୍ଧରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି । ଏଥିନିମନ୍ତେ ଦେଶବ୍ୟାପୀ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଜୋର୍‌ଦାର ଚାଲିଛି । ଆସନ୍ତା ଡିସେମ୍ବର ସୁଦ୍ଧା ନିର୍ବାଚନର କାର୍ଯ୍ୟନିର୍ଘଣ୍ଟ ଘୋଷଣା କରାଯିବ । ନାସିରୁଦ୍ଦିନ ସ୍ୱୀକାର କରିଛନ୍ତି ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ, ଅବାଧ ଏବଂ ନିରପେକ୍ଷ କରିବା ନିମନ୍ତେ ସମସ୍ତ ପ୍ରଚେଷ୍ଟା କରାଯିବ । ଏଥିନିମନ୍ତେ ଥିବା ପ୍ରମୁଖ ଆହ୍ୱାନ ଗୁଡ଼ିକର ମୁକାବିଲା ନିମନ୍ତେ ନିର୍ବାଚନ କମିଶନ ପ୍ରସ୍ତୁତ ଥିବା ଜଣାଯାଇଛି ।

# ୱାର୍ଲଡ୍ ଲାୟନ୍ ଡେ

ସାରା ବିଶ୍ୱରେ ଆଜି ବିଶ୍ୱ ସିଂହ ଦିବସ ପାଳନ କରାଯାଉଛି । ଗୁଜରାଟ ଏସୀୟ ସିଂହଙ୍କ ସଂରକ୍ଷଣ କ୍ଷେତ୍ରରେ ଏକ ପ୍ରମୁଖ ମାଇଲ୍‌ଖୁଣ୍ଟ ଭାବରେ ଉଭା ହୋଇଛି । ପୋର୍ ବନ୍ଦର ନିକଟରେ ଥିବା ବରଦା ବନ୍ୟପ୍ରାଣୀ ଅଭୟାରଣ୍ୟ ପରିବେଶଗତ ପୁନରୁଦ୍ଧାର ଏବଂ ଗୋଷ୍ଠୀ ପରିଚାଳିତ ପ୍ରଗତିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ୨୦୨୫ ମସିହା ସିଂହଗଣନାରେ ଗୁଜରାଟ୍‌ରେ ୮୯୧ଟି ସିଂହ ରହିଥିବା ରେକର୍ଡ଼ କରାଯାଇଛି ।

ଦ୍ୱିତୀୟ ଆବାସସ୍ଥଳୀ ଭାବେ ପରିଚିତ ବରଦା ବନ୍ୟପ୍ରାଣୀ ଅଭୟାରଣ୍ୟରେ ୧୭ଟି ସିଂହ ଏବଂ ୨୫ଟି ଚିତାବାଘ ରହିଥିବା ଜଣାପଡ଼ିବା ପରେ ଏହା ପରିବେଶଗତ ପୁନରୁଦ୍ଧାର କାର୍ଯ୍ୟକ୍ରମକୁ ଆହୁରି ସକ୍ରିୟ କରିଛି । ବନ ବିଭାଗଦ୍ୱାରା ରେଡ଼ିଓ କଲାର ବ୍ୟବହାର ଏବଂ ବାସ୍ତବ ସମୟର ଟ୍ରାକିଂ ଯୋଗୁଁ ସିଂହ ସଂରକ୍ଷଣ ପ୍ରକ୍ରିୟା ପ୍ରଭାବଶାଳୀ ହୋଇଛି । ସ୍ଥାନୀୟ ପଶୁପାଳକମାନଙ୍କ ଭୂମିକା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଛି । ପରିବେଶ ପର୍ଯ୍ୟଟନକୁ ଅଭିବୃଦ୍ଧି କରିବାରେ ଆହୁରି ପଦକ୍ଷେପ ଗ୍ରହଣ କରାଯାଉଛି । ଏହି ଅଭୟାରଣ୍ୟ ଭାରତର ସମନ୍ୱିତ ବିକାଶ, ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି ।